# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 11 May - 2025

**********************************

## ମୁଖ୍ୟ ସମ୍ବାଦ

- ଭାରତ–ପାକିସ୍ତାନ ଅସ୍ତ୍ରବିରତି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ
- ଅପରେସନ୍ ସିନ୍ଦୂର ଆତଙ୍କବାଦ ବିରୁଦ୍ଧରେ ଭାରତର ଦୃଢ଼ ଇଚ୍ଛାଶକ୍ତି, ସାମରିକ ଶକ୍ତି ଓ ସଂକଳ୍ପର ପ୍ରଦର୍ଶନ; କହିଲେ ପ୍ରତିରକ୍ଷା ମନ୍ତ୍ରୀ
- ଯୁବ ସମାଜକୁ ବେସାମରିକ ସୁରକ୍ଷା ସଂଗଠନରେ ସ୍ୱେଚ୍ଛାସେବୀଭାବେ ଯୋଗଦେବା ପାଇଁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ

ଏବଂ

- ପୋଖରନଠାରେ ପରମାଣୁ ପରୀକ୍ଷଣର ସଫଳତାକୁ ମନେ ପକାଇ ଆଜି ପାଳନ କରାଯାଉଛି ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ

# ଅପରେସନ୍ ସିନ୍ଦୂର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଭାରତ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପରର ସ୍ଥିତି ନେଇ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ପ୍ରତିରକ୍ଷା ବାହିନୀ ମୁଖ୍ୟ ଜେନେରାଲ ଅନୀଲ ଚୌହ୍ୱାନ ଏବଂ ତିନିସେନାର ମୁଖ୍ୟ ମଧ୍ୟ ଉପସ୍ଥିତ ଥିଲେ।

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଗତକାଲି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଅସ୍ତ୍ରବିରତି ଚୁକ୍ତିକୁ ପାକିସ୍ତାନ ବାରମ୍ବାର ଉଲ୍ଲଙ୍ଘନ କରିଛି। ଭାରତ ଏହାକୁ ଗମ୍ଭୀରତାର ସହ ଗ୍ରହଣ କରିଛି। ପରିସ୍ଥିତି ଉପରେ ଭାରତୀୟ ସେନା ତୀକ୍ଷ୍ଣ ନଜର ରଖିଛି। ଆବଶ୍ୟକସ୍ଥଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେନାକୁ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀ ମିଶ୍ରି କହିଛନ୍ତି।

ଅପରପକ୍ଷରେ, ଅପରେସନ୍ ସିନ୍ଦୂର ଜାରି ରହିଛି ବୋଲି ଭାରତୀୟ ବାୟୁସେନା ପକ୍ଷରୁ କୁହାଯାଇଛି। ନିଜ କାର୍ଯ୍ୟକୁ ବାୟୁସେନା ସଫଳତାର ସହ ସମାପନ କରିଛି। ସମନ୍ୱିତ ଓ ସୁଚିନ୍ତିତ ଭାବେ ଅପରେସନ ଜାରି

ରହିଥିବା ବାୟୁସେନା କହିଛି । ଅପରେସନ୍ ସିନ୍ଦୂର ନେଇ ଅନୁମାନ, ଗୁଜବ ଓ ମିଥ୍ୟା ଖବର ଠାରୁ ଦୂରେଇ ରହିବା ପାଇଁ ବାୟୁସେନା ପକ୍ଷରୁ ଅନୁରୋଧ କରାଯାଇଛି ।

***Desk***

## ରାଜନାଥ ସିଂହ- ଅପରେସନ ସିନ୍ଦୂର

ଅପରେସନ୍ ସିନ୍ଦୂର କେବଳ ଏକ ସାମରିକ କାର୍ଯ୍ୟାନୁଷ୍ଠାନ ନୁହେଁ ଏହା ଦେଶର ରାଜନୈତିକ, ସାମାଜିକ, ରଣନୈତିକ ଇଚ୍ଛାଶକ୍ତିର ପ୍ରତୀକ । ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ବ୍ରହ୍ମୋସ ଏରୋସ୍ପେସ୍ ଏକୀକୃତ ଏବଂ ପରୀକ୍ଷଣ କେନ୍ଦ୍ରର ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରି ଶ୍ରୀ ସିଂ କହିଛନ୍ତି, ଅପରେସନ୍ ସିନ୍ଦୂର ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ ଇଚ୍ଛାଶକ୍ତି, ସାମରିକ ଶକ୍ତିର କ୍ଷମତା ଓ ସଂକଳ୍ପର ପ୍ରଦର୍ଶନ କରିଛି ।

**- V/O –**

***BBSR/R***

## ମୁଖ୍ୟମନ୍ତ୍ରୀ– ସୁରକ୍ଷା ସଂଗଠନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୁବ ସମାଜକୁ ବେସାମରିକ ସୁରକ୍ଷା ସଂଗଠନରେ ସ୍ୱେଚ୍ଛାସେବୀ ଭାବେ ଯୋଗଦେବା ପାଇଁ ଆହ୍ୱାନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୁବ ସମାଜ ହେଉଛନ୍ତି ଆମ ଆଶା, ଭରସା ଓ ଶକ୍ତିର ପ୍ରତୀକ । ଇଚ୍ଛୁକ ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ ନିକଟରେ ଏଥିଲାଗି ଆବେଦନ କରିପାରିବେ । ରାଜ୍ୟରେ ୧୨ଟି ସ୍ଥାନରେ

ବେସାମରିକ ସୁରକ୍ଷା ସଂଗଠନ କାର୍ଯ୍ୟ କରୁଥିବା ବେଳେ ଆବଶ୍ୟକତା ଅନୁଯାୟୀ ଅନ୍ୟ ସ୍ଥାନମାନଙ୍କରେ ନୂଆ ସଂଗଠନ ଗଢ଼ିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

**- V/O –**

***Desk***

## ମୁଖ୍ୟମନ୍ତ୍ରୀ - ଜନଶୁଣାଣି

ଭୁବନେଶ୍ୱର ୟୁନିଟ୍ ୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଆସନ୍ତାକାଲି ବନ୍ଦ ରହିବ । ଆସନ୍ତାକାଲି ବୁଦ୍ଧପୂର୍ଣ୍ଣିମା ଅବସରରେ ସରକାରୀ ଛୁଟି ଥିବାରୁ ଏହି ଶୁଣାଣି ଶିବିର ବନ୍ଦ ରହିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ବିଜ୍ଞପ୍ତି ମାଧ୍ୟମରେ ଜଣାଇ ଦିଆଯିବ ।

***Desk***

## ଯୁଦ୍ଧ- କଳାବଜାରୀ

ଯୁଦ୍ଧ ପରିସ୍ଥିତି ଆଳରେ କଳାବଜାରୀ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଖାଦ୍ୟ ପଦାର୍ଥ ମହଜୁଦ ରହିଛି ଏବଂ ଏନ୍‌ଫୋର୍ସମେଣ୍ଟ ଟିମ୍ ଦ୍ୱାରା ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଛି।

ଅନ୍ୟପକ୍ଷରେ ଯେଉଁ ବିଦେଶୀମାନେ ରାସନକାର୍ଡ ନେଇଛନ୍ତି ତାହା ଫେରାଇବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ସମ୍ପୃକ୍ତ ବିଦେଶୀମାନେ କିଭଳି ରାସନକାର୍ଡ ପାଇବେ ସେ ନେଇ ତଦନ୍ତ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି।

***Desk***

## ଲୋକ ଅଦାଲତ

ରାଜ୍ୟର ସମସ୍ତ ଜିଲ୍ଲାରେ ଆୟୋଜିତ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ୧ ଲକ୍ଷ ୯୨ ହଜାରରୁ ଊର୍ଦ୍ଧ୍ୱ ମାମଲାର ଫଇସଲା କରାଯାଇଛି । ଓଡ଼ିଶା ହାଇକୋର୍ଟ ସମେତ ଜିଲ୍ଲା ଓ ତାଲୁକସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ମାମଲାର ଫଇସଲା କରାଯାଇ ମୋଟ୍ ୧୩୦ କୋଟି ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତିପୂରଣ ବାବଦରେ ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

***HS/Desk***

## ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ

ଆଜି ହେଉଛି ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ। ୧୯୯୮ ମସିହା ମଇ ମାସରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ରାଜସ୍ଥାନର ପୋଖରାନଠାରେ ସଫଳତାର ସହିତ ପରମାଣୁ ପରୀକ୍ଷା କରିଥିଲେ। ଭାରତର ସାହସିକତାକୁ ବିଶ୍ୱ ଦରବାରରେ ପହଁଞ୍ଚାଇଥିବା

ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ନୂତନ ପ୍ରଯୁକ୍ତିବିଦ୍ୟା, ଅନୁସନ୍ଧାନ ଏବଂ ଗତିଶୀଳତ ପାଇଁ ଯୁଗାନ୍ତର" ।

ଏହି ଅବସରରେ ଭୁବନେଶ୍ୱରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଯୋଗଦେଇ ପ୍ରଯୁକ୍ତିବିଦ୍ୟାର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଅବସରରେ ଉଦ୍ଭାବନକୁ ବିକାଶର ମୂଳମନ୍ତ୍ର ବୋଲି କହିଛନ୍ତି। ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଓଡ଼ିଶାର ସମାବେଶୀ ବିକାଶ ଓ ସୁଦୃଢ଼ ଭିତ୍ତିଭୂମି ନିର୍ମାଣ ସମ୍ଭବ ହୋଇପାରିବ।

ରାଜ୍ୟ ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୁବନେଶ୍ୱରରେ ସାଇନ୍ସ ସିଟି ପ୍ରତିଷ୍ଠା ଲାଗି ମୁଖ୍ୟମନ୍ତ୍ରୀ ୧ ଶହ ଏକର ଜାଗା ମଞ୍ଜୁର କରିଥିବା କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଏକ ବାୟୋଟେକ୍ନୋଲୋଜି ପାର୍କ ନିର୍ମାଣ କରାଯିବ। ବଲାଙ୍ଗୀର, ରାଉରକେଲା ଏବଂ ଗଞ୍ଜାମର ତିନୋଟି ପ୍ଲାନେଟୋରିୟମ୍ ନିର୍ମାଣାଧୀନ ଥିବା ବେଳେ ଆଉ ତିନୋଟି ପ୍ଲାନେଟୋରିୟମ ପାଇଁ ରାଜ୍ୟ ସରକାର ଯୋଜନା କରିଥିବା ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରି ବିକଶିତ ଓଡ଼ିଶା ଗଠନ କରିବାକୁ ଆହ୍ୱାନ ଦେଇଛନ୍ତି। ଆଜିର ଦିନଟି ଦେଶକୁ ଆହୁରି ସଶକ୍ତ, ସୁଦୃଢ଼ ଏବଂ ଆତ୍ମନିର୍ଭର କରିବା ନିମନ୍ତେ ପ୍ରେରଣା ଦେଉଛି ବୋଲି ମନ୍ତ୍ରୀ କହିଛନ୍ତି।

***Desk***

## ମାତୃତ୍ୱ ଦିବସ

ଦୁନିଆରେ ସବୁଠୁ ସୁନ୍ଦର ଓ ମଧୁର ଶବ୍ଦ ହେଉଛି ମା'। ମା' ଶବ୍ଦଟି ଛୋଟ ହୋଇପାରେ କିନ୍ତୁ ଏହାର ଅର୍ଥ ସୀମାହୀନ ଭାବେ ପରିବ୍ୟାପ୍ତ। ତ୍ୟାଗ, ବଳିଦାନ ଓ ତପସ୍ୟାର ପ୍ରତୀକ ମା'ମାନଙ୍କ ସମ୍ମାନାର୍ଥେ ଆଜି ମାତୃଦିବସ ପାଳନ କରାଯାଉଛି। ପୃଥିବୀଠାରୁ ଅଧିକ ସହନଶୀଳ ଏବଂ ଆକାଶଠାରୁ ଅଧିକ ବ୍ୟାପ୍ତ ମା'ଙ୍କୁ ସନ୍ତାନର ପ୍ରଥମ ଗୁରୁ ଓ ମାର୍ଗଦର୍ଶିକା ଭାବେ ବିବେଚନା କରାଯାଏ। ଆଜି ମା'ମାନଙ୍କୁ ଉତ୍ସର୍ଗ କରି ମାତୃତ୍ୱ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ମାତୃ ଦିବସର ଶୁଭେଚ୍ଛା ଜଣାଇଛନ୍ତି। ମା'ମାନେ ଧୈର୍ଯ୍ୟ, ସାହସ, ବଳିଦାନ ଓ ପ୍ରେମର ପ୍ରତିମୂର୍ତ୍ତି ବୋଲି ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମାତୃ ଦିବସର ଶୁଭେଚ୍ଛା ଜଣାଇ ମା' ସ୍ରଷ୍ଟାଙ୍କ ଏକ ଅମୂଲ୍ୟ ସୃଷ୍ଟି ବୋଲି କହିଛନ୍ତି। ଜୀବନର ପ୍ରତିକ୍ଷଣ,

ପ୍ରତିମୁହୂର୍ତ୍ତ ଓ ପ୍ରତ୍ୟେକ ସମୟ ମା’ ପାଇଁ। ତେଣୁ ସମସ୍ତ ମା’ମାନଙ୍କୁ ସୁଖ, ସୁବିଧା, ନିରୋଗ ଜୀବନ ମିଳୁ ବୋଲି ସେ କାମନା କରିଛନ୍ତି।

ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସାମାଜିକ ଗଣମାଧ୍ୟମରେ ମାତୃ ଦିବସରେ ସମସ୍ତ ମା’ମାନଙ୍କୁ ଶୁଭେଚ୍ଛା ଜଣାଇଥିବା ବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ମା’ କେବଳ ଏକ ଶବ୍ଦ ନୁହେଁ ତାହା ହେଉଛି ତ୍ୟାଗର ଅନନ୍ୟ ଉଦାହରଣ।

***BHK***

## ଶିବ ବିବାହ

ଭଦ୍ରକ ଜିଲ୍ଲା ଆରଡ଼ି ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠରେ ଶିବ ବିବାହ ଲାଗି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତାକାଲି ଲଗ୍ନଧରା ଏବଂ ୩୧ ତାରିଖରେ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ହେବ। ଏଥିଲାଗି ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା, ବିଦ୍ୟୁତ, ପାନୀୟ ଜଳ ଯୋଗାଣ ଆଦି ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

***Sonepur***

## ଶ୍ରୀନୃସିଂହ ମହାପ୍ରଭୁଙ୍କ ଜନ୍ମୋତ୍ସବ

ସୁବର୍ଣ୍ଣପୁରର ପ୍ରସିଦ୍ଧ ନୃସିଂହ ମନ୍ଦିରରେ ଆଜି ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଅବସରରେ ଶ୍ରୀ ନୃସିଂହ ମହାପ୍ରଭୁଙ୍କ ଜନ୍ମୋତ୍ସବ ନୀତି ଅନୁଷ୍ଠିତ ହେଉଛି।

ଶତାଧିକ ମହିଳା ମହାନଦୀର ଲଙ୍କେଶ୍ୱରୀ ଘାଟରୁ କଳସ ଶୋଭାଯାତ୍ରାରେ ଆସି ଯଜ୍ଞସ୍ଥଳୀରେ ପୂର୍ଣ୍ଣକୁମ୍ଭ ସ୍ଥାପନ କରିଛନ୍ତି। ଏଥିରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଛନ୍ତି।

***DHNKL***

## ଦୀପଦାନ

ଭାରତର ବୀର ଯବାନମାନଙ୍କ ସୁରକ୍ଷା ଓ ମନୋବଳ ବୃଦ୍ଧି ପାଇଁ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ହନୁମାନଙ୍କ ପ୍ରତିମୂର୍ତ୍ତି ନିକଟରେ ଦୀପଦାନ କରାଯାଇଛି। ଏଥିରେ ବିଜେପି ଜିଲ୍ଲା ସଭାପତିଙ୍କ ସମେତ ବହୁ ମହିଳା, ସାଧାରଣ ଜନତା ଯୋଗ ଦେଇଛନ୍ତି।

***Met.O.***

## ପାଣିପାଗ

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ପ୍ରବଳ ଗୁଳୁଗୁଳି ଓ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ନେଇ ଆସନ୍ତା ୫ ଦିନ ପାଇଁ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆଜି ଗ୍ରୀଷ୍ମ ଲହରି ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ ଓ ଗଜପତି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।